# ପାଠ-୭

# ଜନ୍ମଭୂମି

**STUDY NOTES**

## MIND MAP



## ସୃଜନାଭିମୁଖ୍ୟ :

ଡଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଜଣେ ସୁପରିଚିତ ଐତିହାସିକ । ସେ ଥିଲେ ବୃତ୍ତିରେ ଅଧ୍ୟାପକ । ତାଙ୍କର ଜୀବନାନୁଭୂତିକୁ ନେଇ ସେ ସାହିତ୍ୟ ସୃଷ୍ଟି କରନ୍ତି । ସତ୍ୟ ସହିତ ତତ୍ତ୍ୱର ସମନ୍ୱୟ, ଅକାଟ୍ୟ ଯୁକ୍ତି ଓ ମନ୍ଦ୍ର-ଗମ୍ଭୀର ଭାଷା ତାଙ୍କ ପ୍ରବନ୍ଧକୁ ଦେଇଛି ଅନୁପମ ମର୍ଯ୍ୟାଦା । ସହଜ ସାବଲୀଳ ଶୈଳୀରେ ଐତିହାସିକ ତଥ୍ୟକୁ କାହାଣୀର ସ୍ପର୍ଶଦେଇ ସେ ପାଠକ ସମାଜ ଆଗରେ ଉପସ୍ଥାପନ କରିଥାନ୍ତି । ସେଥିପାଇଁ ତାଙ୍କ ଲେଖା ଗୁଡ଼ିକ ସୁଖପାଠ୍ୟ ଓ ଆକର୍ଷଣୀୟ ।

## ବିଷୟ ପ୍ରବେଶ :

'ଜନ୍ମଭୂମି' ପ୍ରବନ୍ଧଟି ପ୍ରାବନ୍ଧିକଙ୍କର 'ପ୍ରବନ୍ଧ ମାନସ' ପୁସ୍ତକରୁ ସଂଗୃହୀତ । ଏଥିରେ ପ୍ରାବନ୍ଧିକ ଜନ୍ମଭୂମିର ପ୍ରକୃତ ଅର୍ଥ ବୁଝାଇଛନ୍ତି । ଅରଣ୍ୟ ପ୍ରକୃତି ବେଷ୍ଟିତ ନିଜ ପଲ୍ଲୀ ଜନ୍ମମାଟିର ଅନନ୍ୟ ମହତ୍ତ୍ୱକୁ ସେ ଦର୍ଶାଇଛନ୍ତି । ନିଜ ଗ୍ରାମ ସମ୍ବନ୍ଧରେ ନିଜର ବାଲ୍ୟଯୌବନର ସ୍ମୃତି, ପଲ୍ଲୀଜୀବନର ଶୃଙ୍ଖଳିତ ଧାରା, ପଲ୍ଲୀବାସୀଙ୍କର ଏକପରିବାରତ୍ୱ ସମ୍ପର୍କରେ ଲେଖକ ସୂଚନା ଦେଇଛନ୍ତି । ପୁନଶ୍ଚ ପଲ୍ଲୀରେ ଆଧୁନିକ ରାଜନୀତିର ପ୍ରବେଶ ଫଳରେ ପଲ୍ଲୀ ସରଳତା ବିଲୋପ ହୋଇଛି ବୋଲି କହିଛନ୍ତି । ଗ୍ରାମରୁ ରଜ୍ୟ, ଦେଶ ଓ ବିଶ୍ୱବାସୀ ହେବାପାଇଁ ପ୍ରକାରାନ୍ତରେ ସେ ଆହ୍ୱାନ ଜଣାଇଛନ୍ତି । ଉକ୍ତ ପ୍ରବନ୍ଧର ମୂଳସୂତ୍ର ହେଉଛି 'ବସୁଧୈବ କୁଟୁମ୍ବକମ୍'ର ଭାବନାକୁ ଜାଗ୍ରତ କରାଇବା । ଉଦାର ବିଶ୍ୱମାନବ ହେବାଠାରୁ ଜନ୍ମଭୂମି କ୍ଷୁଦ୍ରଗ୍ରାମ ଖିଚିଙ୍ଗ୍‌ର ଜଣେ ସାଧାରଣ ନାଗରିକ ହେବାକୁ ପ୍ରାବନ୍ଧିକଙ୍କ ଆକୁଳତା ପ୍ରକାଶିତ ହୋଇଛି ।

## ପ୍ରବନ୍ଧର ମର୍ମବାଣୀ :

ପ୍ରାବନ୍ଧିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ପ୍ରଥମେ ଜନ୍ମଭୂମିର ପ୍ରକୃତ ପରିଚୟ ଦେଇଛନ୍ତି । ବିଶାଳ ପୃଥିବୀ ଭିତରେ ଏସିଆ ମହାଦେଶ, ଏସିଆ ଭିତରେ ଭାରତବର୍ଷ, ଭାରତ ଭିତରେ ଓଡ଼ିଶା ଏବଂ ସେହି ଓଡ଼ିଶା ଭିତରେ ତାଙ୍କର ପଲ୍ଲୀଗ୍ରାମ । ସେହି ପଲ୍ଲୀଗ୍ରାମରେ ସେ ଜନ୍ମ ନେଇଥିଲେ । ଏହି ସମସ୍ତ ଭୂଭାଗ କେହି କାହାରିଠାରୁ ଅଲଗା ନୁହଁନ୍ତି । ବ୍ୟାପକ ଦୃଷ୍ଟିରୁ ବିଚାର କଲେ ଏହି ସମସ୍ତ ହେଉଛି ଲେଖକଙ୍କର ଜନ୍ମଭୂମି । ତଥାପି ଯେଉଁ ଭୂମି ଉପରେ ସେ ପ୍ରଥମେ ମାତୃଗର୍ଭରୁ ଜନ୍ମ ନେଲେ, ପ୍ରଥମେ ଭୂମି ସ୍ପର୍ଶ କଲେ, ତାହାହିଁ ହେଉଛି ତାଙ୍କ ପାଇଁ ପ୍ରକୃତ ଜନ୍ମଭୂମି । କାରଣ ସେହି ମାଟିର ରୂପ, ରସ, ଗନ୍ଧର ସ୍ପର୍ଶ ସେ ପ୍ରଥମେ ପାଇଥିଲେ । ସେହି ମାଟିରୁ ଉପୁଜିଥିବା ଫଳ ପୁଷ୍ପରେ, ଶାକ ତଣ୍ଡୁଳରେ ନିଜର ଶରୀର ରକ୍ଷା କରିଥିଲେ । ସେଠାକାର ସୁଖଦୁଃଖରେ ସେ ନିଜକୁ ସାମିଲ୍ କରାଇ ଦେଇଥିଲେ ।